ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଜୁଲାଇ , ୨୦୨୩



## ସଂକ୍ଷେପରେ

### କଲୋନରା ବିଡିଓଙ୍କୁ ରାମନାଗୁଡ଼ା ବ୍ଲକର ଅତିରିକ୍ତ ଦାୟିତ୍ୱ

ଗୁଣପୁର,୩୦।୬(ପ୍ରଦୀପ କୁମାର ପାଢ଼ୀ)- ଶେଷରେ ବହୁ ଅଭିଯୋଗ ପରେ ରାମନାଗୁଡ଼ା ବିଡିଓ ପ୍ରଭାତୀ ଝୋଡ଼ିଆଙ୍କ ବଦଳି ହୋଇଛି। ରାୟଗଡ଼ା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀ ତାଙ୍କୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ କୋଲନରା ବ୍ଲକର ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ରାମନାଗୁଡ଼ା ବ୍ଲକର ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗତ ୮ ତାରିଖରେ ମାଲକାନଗିରି ବ୍ଲକର ବିଡିଓ ଭାବେ ପ୍ରଭାତୀ ଝୋଡ଼ିଆଙ୍କୁ ବଦଳି କରାଯାଇଛି। ସୂଚନାଯୋଗ୍ୟ, ପ୍ରଭାତୀ ପୂର୍ବରୁ ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ, ଗୁଣପୁର ବ୍ଲକର ବିଡିଓ ଦାୟିତ୍ୱ ତୁଲାଉଥିଲେ। ଗୁଣପୁର ବ୍ଲକରେ ନୂତନ ବିଡିଓ ଯୋଗଦେବା ସହ ପୌର ପରିଷଦର ନିର୍ବାହୀ ଅଧିକାରୀ ଛୁଟିରୁ କାର୍ଯ୍ୟକୁ ଫେରିବା ପରେ ଏହି ଦୁଇଟି ଦାୟିତ୍ୱରୁ ସେ ମୁକ୍ତ ହୋଇଥିଲେ। ହେଲେ ସେ ୩ଟି ସ୍ଥାନରେ ଦାୟିତ୍ୱରେ ଥିବା ସମୟରେ ଗୁଣପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର, ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗ ଏବଂ ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ଼ଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରଭାତୀ ବିବାଦୀୟ ହୋଇପଡ଼ିଥିଲେ। ଲୋକ ପ୍ରତିନିଧିମାନଙ୍କୁ ଅଣଦେଖାକରି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା।

### ଶଶିଭୂଷଣ ମହାନ୍ତି ଗୁଣପୁର ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ

ଗୁଣପୁର,୩୦।୬ (ପ୍ରଦୀପ କୁମାର ପାଢ଼ୀ)- ରାୟଗଡା ଜିଲା ଗୁଣପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଜି. ମହେଶ୍ୱର ରାଓ ଶୁକ୍ରବାର ଅବସର ଗ୍ରହଣ କରିବା ପରେ ପ୍ରଧାପକ ଶଶିଭୂଷଣ ମହାନ୍ତି ନୂତନ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଧାପକ ମହାନ୍ତି ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଅଛନ୍ତି । ସେ ଅଧ୍ୟକ୍ଷ ଭାର ଗ୍ରହଣ କରିବା ପରେ ମହାବିଦ୍ୟାଳୟର ସମସ୍ତ ପ୍ରକାର ଉନ୍ନତି ସହ ପିଲାଙ୍କ ପାଠପଢ଼ା ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଗୁଣପୁର ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ, ସଦସ୍ୟ ଓ ଗୁଣପୁର ଅଞ୍ଚଳର ବୁଦ୍ଧିଜିବୀ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଜବତ ୧୯ କୁଇଣ୍ଟାଲ ଗଞ୍ଜେଇ ନଷ୍ଟକଲା ପୋଲିସ



ରାୟଗଡ଼ା,୩୦।୬(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ପୋଲିସ ପକ୍ଷରୁ ଜବତ ହୋଇଥିବା ପ୍ରାୟ ୧୯ କୁଇଣ୍ଟାଲ ଗଞ୍ଜେଇ ନଷ୍ଟ କରାଯାଇଛି। ସୂଚନା ଅନୁଯାୟୀ, ୧୯ଟି ବିଭିନ୍ନ ଚୋରା ଗଞ୍ଜେଇ ମାମଲାରେ ଜବତ ୧୯ କୁଇଣ୍ଟାଲ ୫୨୫ କିଲୋ ଗଞ୍ଜେଇକୁ ଶୁକ୍ରବାର ପୋଲିସ ନଷ୍ଟ କରିଛି । ଏହି ଗଞ୍ଜେଇକୁ ଜାଲେଣି ଉପକରଣ ବ୍ୟବହାର କରି ଜାଳି ଦିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ପୋଲିସର ତନାଘନା, ଥାନାରେ ହାଜର ହେବାକୁ ନିର୍ଦ୍ଦେଶ

ରାୟଗଡ଼ା,୩୦।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ସାଇପ୍ରିୟା ନଗରରେ ଚାଲିଥିବା ବେଆଇନ ବିସ୍ଫୋରକ କାରବାରକୁ ନେଇ ତନାଘନା ଆରମ୍ଭ କରିଛି ପୋଲିସ। ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାରର ଖବର ଶୁକ୍ରବାର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପୋଲିସ ତତ୍ପରତା ଦେଖାଇଛି । ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ଦେବଜ୍ୟୋତି ଦାସ ତଦନ୍ତକୁ ଜୋର କରିଛନ୍ତି। ରାୟଗଡ଼ା ଟାଉନ ଥାନା ଏସ୍‌ଆଇ ସଞ୍ଜୟ ଛତରଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଟିମ୍ ସାଇପ୍ରିୟାନଗର ୬ଷ୍ଠ ଲେନ୍‌ର ଏକ ଘରେ ଚଢ଼ାଉ କରିଥିଲେ। ସେଠାରେ ଭଡ଼ାରେ ଜଣେ ମହିଳା ରହୁଥିବାବେଳେ ବିସ୍ଫୋରକ ସାମଗ୍ରୀ ବିକ୍ରି କରୁଥିବା ବ୍ୟକ୍ତି ଘରେ ନ ଥିବା ମହିଳା ଜଣକ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ମହିଳାଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀର କିଛି ଇନ୍‌ଭଏସ୍ ଜବତ କରିଛି । ମହିଳାଙ୍କୁ



ସାଇପ୍ରିୟାନଗରର ଏକ ଘରେ ପୋଲିସ ଏସ୍‌ଆଇ ସଞ୍ଜୟ ଛତର ଓ ଟିମ୍ ଯାଞ୍ଚ କରୁଛନ୍ତି।

ପଚରାଉଚୁରା କରିବାରୁ ବ୍ୟକ୍ତି ଜଣକ ତେଲଙ୍ଗାନା ରାଜ୍ୟ ହାଇଦ୍ରାବାଦର ସାଇ ରେଡ୍ଡି ବୋଲି ଜଣାପଡ଼ିଛି । ତେବେ ସାଇ ଅନୁପସ୍ଥିତ ଥିବାରୁ ସମସ୍ତ କାଗଜପତ୍ର ସହ ୨୪ ଘଣ୍ଟା ମଧ୍ୟରେ ଥାନାରେ ହାଜର ହେବାକୁ ଏସ୍‌ଆଇ ସଞ୍ଜୟ ନିର୍ଦ୍ଦେଶ ଦେଇଛନ୍ତି । ଯଦି ୨୪ ଘଣ୍ଟା ମଧ୍ୟରେ ସାଇ ପୋଲିସ ନିକଟରେ ହାଜର ହୋଇ ସମସ୍ତ ନଥିପତ୍ର ନ ଦେଖାନ୍ତି ତେବେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଶର୍ମା ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି, ଗତ କିଛି ମାସ ହେବ ରାୟଗଡ଼ା ସହରର ଜନବସତି ଅଞ୍ଚଳ ସାଇପ୍ରିୟାନଗରର ଏକ ଘରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର ନେଇ ସାହିବାସିନ୍ଦା ଅଭିଯୋଗ କରିଥିଲେ।

### ବେଆଇନ ବିସ୍ଫୋରକ ସାମଗ୍ରୀ କାରବାର

ତେଲଙ୍ଗାନାର ଜଣେ ବ୍ୟକ୍ତି ଏଠାରେ ବିସ୍ଫୋରକ ସାମଗ୍ରୀ ରଖି ରାୟଗଡ଼ା ଜିଲା ସମେତ ପଡ଼ୋଶୀ କୋରାପୁଟ, କଳାହାଣ୍ଡି ଓ କନ୍ଧମାଳ ଜିଲାର ପଥର କ୍ୱାରିକୁ ଯୋଗାଣ କରୁଥିବା ସୂଚନା ମିଳିଥିଲା। ହେଲେ ଘଟଣା ବିଷୟରେ ପୋଲିସ ପାଖରେ କୌଣସି ଖବର ନ ଥିବା ବେଳେ ପୋଲିସର ଗୁଇନ୍ଦା ବିଭାଗ ମଧ୍ୟ ଫେଲ ମାରିଥିଲା । ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ଶୁକ୍ରବାର ସକାଳୁ ତନାଘନା ଆରମ୍ଭ କରିଛି । ତେବେ ପୋଲିସ ଏ ଦିଗରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ସାଇଙ୍କୁ ଜନବସତି ଅଞ୍ଚଳ ମଧ୍ୟରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ରଖିବାକୁ ଅନୁମତି ମିଳିଛି ନା ନାହିଁ ତାହା ତଦନ୍ତ ସାପେକ୍ଷ ।

# ଜିଲା ଉନ୍ନୟନ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ରାୟଗଡ଼ା,୩୦।୬(ଭାଗ୍ୟଶ୍ରୀ ମିଶ୍ର )

ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସ୍ଥାନୀୟ ଡିଆର୍‌ଡିଏ କାର୍ଯ୍ୟାଳୟଠାରେ ମାସିକିଆ ଜିଲା ଉନ୍ନୟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ପ୍ରକଳ୍ପ ପ୍ରଶାସକ ଦିଲୀପ ବେହେରା, ଗୁଣପୁର ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ, ରାୟଗଡ଼ା ଜିଲାର ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ। ରୁରାଲ ହାଉସିଂ, ସ୍ୱଚ୍ଛ ଭାରତ ମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମୋ ସ୍କୁଲର ରୂପାନ୍ତରୀକରଣ, ମୋ ଘର ଯୋଜନାର ଅଗ୍ରଗତିକୁ ନେଇ ଆଲୋଚନା କରାଯାଇଥିଲା। ବର୍ଷାଦିନ ପୂର୍ବରୁ ଅଧାପନ୍ତରିଆ ହୋଇ ରହିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ୱାଟର ସେଡ୍ ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗକୁ କାଜୁ ଚାରାରୋପଣ ପାଇଁ ପରାମର୍ଶ ଦିଆଯାଇଛି। ୱାଟର ସେଡ୍ ପକ୍ଷରୁ ୧୭୦୦ ହେକ୍ଟର ଜମିରେ କାଜୁ ଚାରାରୋପଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କ ଆଧାରକାର୍ଡ ସହ ଫୋନ ନମ୍ବର ସଂଯୋଗ କରିବା ଦିଗରେ ବ୍ଲକ୍ ପ୍ରଶାସନ ପଦକ୍ଷେପ ନେବାକୁ କୁହାଯାଇଛି । ଗ୍ରାମାମଞ୍ଚଳର ଲୋକେ କିଭଳି ଏହି ସରକାରୀ ଯୋଜନାର ଲାଭ ନେଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସେହିଭଳି ଲୋକେ କିପରି ପୋଷ୍ଟ ଅଫିସରେ ଅଧିକ ଆକାଉଣ୍ଟ ଖୋଲିପାରିବେ ସେ ଦିଗରେ ଯତ୍ନବାନ ହେବାକୁ ଇଣ୍ଡିଆନ ପେମେଣ୍ଟ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ପ୍ରେମାନନ୍ଦ ଦାସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ହାଜିପୁର ଜୋନାଲ ସୁରକ୍ଷା ଅଧିକାରୀଙ୍କ ରେଳଷ୍ଟେସନ ପରିଦର୍ଶନ

ରାୟଗଡ଼ା,୩୦।୬ (ଆଶିଷ ରଞ୍ଜନ ପଣ୍ଡା)

ବିଶାଖାପାଟଣା ହାଜିପୁର ଜୋନ୍ ରେଳ ବିଭାଗର ମୁଖ୍ୟ ରେଳ ସୁରକ୍ଷା ଅଧିକାରୀ ଆର୍.ସି. ତିୱାରୀ ରାୟଗଡ଼ା ରେଳଷ୍ଟେସନ ପରିଦର୍ଶନକରି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ତର୍ଜମା କରିଥିଲେ । ସେ ବିଶାଖାପାଟଣାରୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଆସି ଶୁକ୍ରବାର ୧୨ଟାରେ ରାୟଗଡ଼ାରେ ପହଞ୍ଚିଥିଲେ । ତିୱାରୀଙ୍କ ସହ ଏସ୍‌ଆଇ ସି.ଏଚ୍. ରାହୁଲ ଏବଂ ୭ଜଣ ସୁପରଭାଇଜର ସାମିଲ ରହିଥିଲେ । ରେଳ ସୁରକ୍ଷା ଅଧିକାରୀ ତିୱାରୀ ରେଳ ଷ୍ଟେଶନର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବା ପରେ ୧୨ଟା ୪୫ମିନିଟ୍‌ରେ ବିଶାଖାପାଟଣାକୁ ଫେରିଯାଇଥିଲେ । ତିୱାରୀଙ୍କ ଏହି ଗସ୍ତ ସମୟରେ ରାୟଗଡ଼ା ରେଳ ଷ୍ଟେଶନ ମ୍ୟାନେଜର ପରମାନନ୍ଦ ପିଡ଼ିକାକା ଓ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର ଏସ୍.କେ. ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ ।



ଆର୍.ସି. ତିୱାରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି ଷ୍ଟେଶନ ମ୍ୟାନେଜର ପରମାନନ୍ଦ ପିଡ଼ିକାକା।

# ଆଇନ ସଚେତନତା ଶିବିର

ରାୟଗଡ଼ା, ୩୦।୬ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଶୁକ୍ରବାର ସ୍ଥାନୀୟ ସେଞ୍ଚୁରିଆନ ପବ୍ଲିକ ସ୍କୁଲଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିବେଦିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋକ୍ସୋ ଆକ୍ଟ, ଜେଜେସିପିସି ଆକ୍ଟ ଏବଂ ମୌଳିକ କର୍ତ୍ତବ୍ୟ ଉପରେ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଦାଲତର ବିଚାରପତି ସୋନାଲି ପଟ୍ଟନାୟକ, ମହିଳା କୋର୍ଟର ବିଚାରପତି ସୋନଲ ଶର୍ମା, ଜେଜେବିର ସଦସ୍ୟ ରାଧେଶ୍ୟାମ ପଣ୍ଡା, ସେସ୍କାଲ ଥାନାଧିକାରୀ ସୀମା ପ୍ରଧାନ, ଜିଲା ଆଇନସେବା ପ୍ରାଧିକରଣର ଫ୍ରଣ୍ଟ ଅଫିସ ରିଟେନର ସୀତାରାମ ପଣ୍ଡା, ସେଞ୍ଚୁରିଆନ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ରାଜେଶ ପାଢ଼ୀଙ୍କ ସମେତ ସ୍କୁଲର ଛାତ୍ରୀଛାତ୍ର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ବକ୍ତବ୍ୟରେ ପୋକ୍ସୋ ଆକ୍ଟ ଓ ଜେଜେ ସିପିସି ଆକ୍ଟର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ । ଶେଷରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପଣ୍ଡା ମୌଳିକ କର୍ତ୍ତବ୍ୟ ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ।

# ଡା. ଗୌରାଙ୍ଗ ରାଉତଙ୍କୁ ପ୍ରାକୃତିକ ଚିକିତ୍ସକ ସମ୍ମାନ




ପ୍ରାକୃତିକ ଚିକିତ୍ସା ବିଜ୍ଞାନୀ ଡା. ଗୌରାଙ୍ଗ ଚରଣ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୁନିଗୁଡ଼ା,୩୦।୬ (ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡ଼ାର ବରିଷ୍ଠ ସାମାଜିକ କର୍ମୀ, ସାରସତ୍ୱ ସାଧକ ତଥା ପ୍ରାକୃତିକ ଚିକିତ୍ସା ବିଜ୍ଞାନୀ ଡ଼ା.ଗୌରାଙ୍ଗ ଚରଣ ରାଉତଙ୍କୁ ନୂଆଦିଲ୍ଲୀ ଭାରତୀୟ ପ୍ରାକୃତିକ ଚିକିତ୍ସକ ସଂଘ ପକ୍ଷରୁ ସମ୍ମାନିତ କରାଯାଇଛି। ଉତ୍ତରପ୍ରଦେଶର ବ୍ରଜଭୂମୀ ମଥୁରା ବୃନ୍ଦାବନ ଅନ୍ତର୍ଗତ ଶ୍ରୀକୃଷ୍ଣ ସାଧକ ଟ୍ରଷ୍ଟଠାରେ ଆୟୋଜିତ ଅନୁଷ୍ଠାନର ୫୦ତମ ପ୍ରତିଷ୍ଠା ଦିବସରେ ପ୍ରାକୃତିକ ଚିକିତ୍ସାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶୁକ୍ରବାର ଡ଼ା. ରାଉତଙ୍କୁ ଅଙ୍ଗବସ୍ତ୍ର,ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସଂଗଠନର ଅଧ୍ୟକ୍ଷ ଡ଼ା.ସୁବାସ ଚନ୍ଦ୍ର ଜୈନ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଖିଳ ଭାରତୀୟ ପ୍ରାକୃତିକ ଚିକିତ୍ସା ପରିଷଦ ପଦାଧିକାରୀକାନ୍ତା ଭରଦ୍ୱାଜ, ସଂଗଠନ ମହାମନ୍ତ୍ରୀ ଡ଼ା.ପ୍ରବୋଧ ରାଜ ଚନ୍ଦୋଲ, ଆବାହାକ ଡ଼ା.ଅରବିନ୍ଦ କୁମାର ତ୍ୟାଗୀଙ୍କ ଉପସ୍ଥିତ ଥିଲେ। ଡା. ରାଉତଙ୍କୁ ସର୍ବଭାରତୀୟ ସ୍ତରରେ ଏହି ସମ୍ମାନ ଓ ଗୌରବ ମିଳିଥିବା କାରଣରୁ ଭାରତୀୟ ପ୍ରାକୃତିକ ଚିକିତ୍ସକ ସଂଘ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ସଂଯୋଜକ ଡ଼ା. ହରିଭାଇ ଆର୍ଯ୍ୟନ, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ, ମୁନିଗୁଡ଼ା ସାହିତ୍ୟ ସଂସଦ, ସମ୍ବାଦ ସାହିତ୍ୟ ଘର, ଚରକ ଆୟୁର୍ବେଦିକ ଚିକିତ୍ସକ ସଂଘ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ମୁନିଗୁଡ଼ା ପ୍ରେସ କ୍ଲବ ତଥା ରାଜ୍ୟର ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ତରଫରୁ ଅଭିନନ୍ଦନ ଜଣାଇଛନ୍ତି।

# ରଣକ୍ଷେତ୍ର ପାଲଟିଲା ମିନାବଜାର

ଗୁଣପୁର,୩୦।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ପୁରୁଣା ଗୁଣପୁରଠାରେ ରଥଯାତ୍ରା ଅବସରରେ ଲାଗିଥିବା ମିନାବଜାରରେ କୌଣସି କାରଣକୁ ନେଇ ଦୋକାନୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରି ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଠେଙ୍ଗାବାଡ଼ିରେ ମାରପିଟ ଯୋଗୁ ମିନାବଜାର ରଣକ୍ଷେତ୍ର ପାଲଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ପୁରୁଣା ଗୁଣପୁରଠାରେ ରଥଯାତ୍ରା ଅବସରରେ ମିନାବଜାର ଲାଗିଥିଲା। ଗୁରୁବାର ସୁନାବେଶ ପାଇଁ ମନ୍ଦିର ନିକଟରେ ପ୍ରବଳ ଭିଡ଼ ହୋଇଥିବାବେଳେ କୌଣସି କାରଣକୁ ନେଇ ବିଳମ୍ବିତ ରାତିରେ ଦୋକାନୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଉତ୍ୟକ୍ତ ଲୋକେ ଦୋକାନୀଙ୍କ ଜିନିଷପତ୍ର ଫିଙ୍ଗି ଦେଇଥିଲେ। ଏହାର ପ୍ରତିବାଦରେ ମିନାବାଜର ବ୍ୟବସାୟୀମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଦୁଇ ଗୋଷ୍ଠୀ ଠେଙ୍ଗାବାଡ଼ି ଧରି ଗୋଡ଼ାଗୋଡ଼ି ହେବାରୁ ଭୟରେ ଲୋକମାନେ ଏଣେତେଣେ ଦୌଡୁଥିବା ଦେଖିବାକୁ ମିଳିଥିଲା। ଏଥିରେ କେତେଜଣ ଲୋକ ଆହତ ମଧ୍ୟ ହୋଇଛନ୍ତି। ପୋଲିସ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।



ମିନାବଜାରରେ ଲୋକେ ଠେଙ୍ଗାବାଡ଼ି ଧରି ଗୋଡ଼ାଉଛନ୍ତି।

# ୧୯ରୁ ୧୪ ବିଭାଗରେ ଛାତ୍ରୀ ଟପ୍ପର

ରାୟଗଡ଼ା, ୩୦।୬(ଭାଗ୍ୟଶ୍ରୀ ମିଶ୍ର)

### ରାୟଗଡ଼ା କଲେଜ ଯୁକ୍ତ ୩ ପରୀକ୍ଷାରେ ଛାତ୍ରୀ ଆଗୁଆ

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ପ୍ରାୟ ୭୦୦ଜଣ ପରୀକ୍ଷା ଦେଇଥିବା ବେଳେ ୫୫୫ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ମହାବିଦ୍ୟାଳୟର ପାସ୍ ହାର ଚଳିତ ବର୍ଷ ୭୯.୧% ରହିଛି । ଏହି ପରୀକ୍ଷାରେ ଛାତ୍ରୀମାନେ ଆଗୁଆ ଥିବା ଜଣାଯାଇଛି। ବିଭାଗୀୟ ଫଳାଫଳରେ ୧୯ଟି ବିଭାଗରୁ ୧୪ଟି ବିଭାଗରେ ଛାତ୍ରୀମାନେ ବାଜି ମାରି ଟପ୍ପର ହୋଇଥିବା ବେଳେ ୫ଟି ବିଭାଗରେ ଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କଳା ବିଭାଗର ରାଜନୀତି ବିଜ୍ଞାନ ସମ୍ମାନରେ ଛାତ୍ରୀ ଏ.ଜ୍ୟୋତ୍ସ୍ନା, ବାଣିଜ୍ୟ ସମ୍ମାନରେ ଛାତ୍ରୀ ଇପିଲି ଅର୍ଜିତା ଏବଂ ବିଜ୍ଞାନ ଉଦ୍ଭିଦ ବିଜ୍ଞାନ ସମ୍ମାନରେ ଛାତ୍ରୀ ଶିରିସା କୁଲେସିକା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଯୁକ୍ତ ୩ କଳା ବିଭାଗରେ ୨୪୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୯ ଜଣ, ବାଣିଜ୍ୟରେ ୧୯୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୯ ଜଣ ଏବଂ ବିଜ୍ଞାନରେ ୨୬୧ ଜଣଙ୍କ ମଧ୍ୟରୁ ୨୧୭ ଜଣ ପାସ୍ ହୋଇଛନ୍ତି । ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବବିଲତା ସରାଫ ଏବଂ ପରୀକ୍ଷା ନିୟନ୍ତ୍ରକ ଡ.ଭଗବାନ ବିଶ୍ୱାଳ ଶୁଭେଚ୍ଛା ଜଣାଇଛନ୍ତି ।

# ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ୩ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୩୦।୬(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ୩ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପଦ୍ମପୁର ମେଡିକାଲର ସୁପରଭାଇଜର କେ.ଜଗଦୀଶ ରାଓ, ପଦ୍ମପୁର ମେଡିକାଲର ଆଟେଣ୍ଡାଣ୍ଟ ସୁବାସ ଚନ୍ଦ୍ର



ପତି, ମହିଳା ସ୍ୱାସ୍ଥ୍ୟକର୍ମୀ ଶୁଭସ୍ମିତା ଦାସଙ୍କ ବିଦାୟକାଳୀନ ଅବସରରେ ସେମାନଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଥିବା କର୍ତ୍ତବ୍ୟ, ନିଷ୍ଠା ଉପରେ ସମସ୍ତେ ଆଲୋକପାତ କରିଥିଲେ। ଏହି ବିଦାୟ ସମ୍ବର୍ଦ୍ଧନା ସମାରୋହରେ ପଦ୍ମପୁର ମେଡିକାଲ ଇନ୍‌ଚାର୍ଜ ସୈନ୍ୟ ରଞ୍ଜନ ତ୍ରିପାଠୀ, ଡାକ୍ତର ଅମରେଶ ଜେନା, ଡାକ୍ତର ସୁକାନ୍ତ କୁମାର ଗମାଙ୍ଗ, ଡାକ୍ତର ତେଜସ୍ୱୀ ଦାସ, ଡା. ଅରୁଣ କୁମାର ମାନସିଂ, ମେଡିକାଲର ବିପିଓ ମନୋଜ କୁମାର ପଣ୍ଡା, ଫାର୍ମାସିଷ୍ଟ ମନୋଜ କୁମାର ସୁବୁଦ୍ଧି, ଜୟଦେବ ଲାମୁଲିପୁରୀଙ୍କ ସହ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ପରିବା ବଜାରରେ ନିଆଁ, ଚିନ୍ତାରେ ଖାଉଟି

ବିଷମ କଟକ, ୩୦।୬ (ବିଭୂତି ଭୂଷଣ ନାୟକ)

ସାରା ରାଜ୍ୟରେ ଦିନକୁଦିନ ମହଙ୍ଗା ହେବାରେ ଲାଗିଛି ବଜାର ଦର। ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ୍ ପରେ ଏବେ ପନିପରିବା ଦର ଆକାଶଛୁଆଁ ହୋଇଛି। ମୌସୁମୀ ଛୁଇଁବା ପରେ ହାଟବଜାରରେ ପନିପରିବା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏଠାକାର ଅଧିକାଂଶ ଲୋକ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର । ସକାଳ ହେଲେ ଲୋକେ ପ୍ରଥମେ ବଜାର ଯାଇ ପରିବା ଆଣିବା ପରେ ଘରେ ଚୁଲି ଜଳେ। ହେଲେ ଏବେ ପରିବା ଦରକୁ ଦେଖି ଲୋକେ ବଜାରକୁ ଯିବା ପାଇଁ ଡରୁଛନ୍ତି। ଜଣେ ଦିନ ମଜୁରିଆଙ୍କ ପକ୍ଷେ ଏବେ ପନିପରିବା କିଣି ଖାଇବା ସମ୍ଭବ ନୁହେଁ ବୋଲି ଆଲୋଚନା ହେଉଛି। ଗତ ସପ୍ତାହରେ ୪୦ ଟଙ୍କା ତଳେ ଥିବା ସବୁ ପରିବା ଦର ଏବେ ଶତକ ମୁହାଁ । ଏଥିରେ ବିନ୍ସ ଦର ସବୁ ରେକର୍ଡ ଟପିଯାଇଛି। ବଜାରରେ ବିନ୍ସ କିଲୋ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି। ତେବେ ହଠାତ୍ ଟମାଟୋ କିଲୋ ପିଛା ୧୦୦ ଟଙ୍କା ଛୁଇଁବା ଏବେ ଖାଉଟିଙ୍କ ନିଦ ହଜାଇ ଦେଇଛି। ମାତ୍ର ମାସଟା ଭିତରେ ଅଦା ଓ ରସୁଣ ଦର ଯେଉଁଭଳି ଭାବେ ବଢ଼ିଛି ସେଥିରେ ଖାଉଟି କଲବଲ ହୋଇଥିବାବେଳେ ଏବେ ଅନ୍ୟ ପରିବା ଦର ବଢ଼ିବା ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ସଜନା ଛୁଇଁ କିଲୋ ୮୦, ଝୁଡ଼ଙ୍ଗ କିଲୋ ୮୦ ଟଙ୍କାରେ ବିକ୍ରି ହେଉଛି। ଏବେ ଲୋକାଲ ପରିବା ନ ଥିବାରୁ ସବୁ ପରିବା ବାହାରୁ ଆମଦାନୀ ହେଉଛି। ତେଣୁ ପରିବା ଦର ବୃଦ୍ଧି ପାଇଥିବା ଯୋଗାଣ ବିଭାଗ କହିଛି।



ଜଣେ ମହିଳା ବ୍ୟବସାୟୀ ପରିବା ବିକ୍ରି କରୁଛନ୍ତି।

# ବିଶାଖାପାଟଣାରୁ ଅପହୃତ ରାଜେଶଙ୍କ ମୃତଦେହ ଜବତ

ଗୁଣପୁର,୩୦।୬ (ପ୍ରଦୀପ କୁମାର ପାଢ଼ୀ)

ଗୌରୀ ମିଶ୍ର ହତ୍ୟା ମାମଲା ସମ୍ପର୍କରେ ଅବଗତ ଥିବା ଅପହୃତ ଭି.ରାଜେଶଙ୍କ ମୃତଦେହ ଶୁକ୍ରବାର ବିଶାଖାପାଟଣା ଜଙ୍ଗଲରୁ ଜବତ ହୋଇଛି। ଆନ୍ଧ୍ର ପୋଲିସ ସହାୟତାରେ ଗୁଣପୁର ପୋଲିସ ବିଶାଖାପାଟଣା ଆନନ୍ଦପୁର ଥାନା ଅଧୀନ ଗାଣ୍ଡିଂଗୁଣ୍ଡଂ ଜଙ୍ଗଲରେ ମାଟି ତଳୁ ଭି.ରାଜେଶଙ୍କ ମୃତଦେହ ଉଦ୍ଧାର କରିଛି। ଏହି ସମୟରେ ରାଜେଶଙ୍କ ମା' ଭି.ଲକ୍ଷ୍ମୀ ମଧ୍ୟ ଉପସ୍ଥିତ ଥିଲେ।

ଗୌରୀ ମିଶ୍ର ହତ୍ୟା ଘଟଣା ସମ୍ପର୍କରେ ରାଜେଶ ଜାଣିଥିବାରୁ ତାଙ୍କୁ ଗତ ୧୯ ତାରିଖରେ ଅପହରଣ କରାଯାଇଥିବା ନେଇ ତାଙ୍କ ମା' ଭି.ଲକ୍ଷ୍ମୀ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଗୌରୀ ମିଶ୍ର ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଏହି ଅପହରଣ ପଛରେ ହାତ ଥିବା ନେଇ ସେ ଥାନାରେ ଏତଲା ଦେଇଥିଲେ। ଭି.ଲକ୍ଷ୍ମୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରିଥିଲା। ଘଟଣାକ୍ରମ ମଧ୍ୟରେ ରାଜେଶଙ୍କୁ ହତ୍ୟା କରାଯାଇଥିବା ଖବର ଆସିଥିଲା। ଏହାପରେ ଗୁଣପୁର ପୋଲିସର ଏକ ଟିମ୍ ବିଶାଖାପାଟଣା ଯାଇ ସେଠାକାର ପୋଲିସର ସହାୟତାରେ ମାଟି ଖୋଳି ରାଜେଶଙ୍କ ମୃତଦେହକୁ ଉଦ୍ଧାର କରିଥିଲେ।



ମାଟି ଖୋଳି ମୃତଦେହ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

### ଗୌରୀ ମିଶ୍ର ହତ୍ୟା ମାମଲା

ସୂଚନଯୋଗ୍ୟ, ମେ ୧୩ ତାରିଖ ରାତିରେ ଆଶା ସଂସ୍ଥାର ନିର୍ଦ୍ଦେଶକ ଗୌରୀ ମିଶ୍ର ବଂଶଧାରା ନଦୀ ବ୍ରିଜ ଉପରକୁ ତାଙ୍କ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଇଥିଲେ। ଗୌରୀ ଗାଡିରେ ଚଢି ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ରାତି ୯.୪୦ ମିନିଟରେ କିଛି ଅଜଣା ବ୍ୟକ୍ତି ଆସି ତାଙ୍କୁ ନିକଟରୁ ଗୁଳି କରି ହତ୍ୟା କରିଥିଲେ।

ଅନ୍ୟପକ୍ଷେ ଗୌରୀ ମିଶ୍ର ହତ୍ୟା ମାମଲା ସମ୍ପର୍କରେ ରାଜେଶ ଜାଣିଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ତାଙ୍କ ମା' ଅଭିଯୋଗ କରିଥିଲେ। ରାଜେଶ ଭୁବନେଶ୍ୱରରୁ ବାଙ୍ଗାଲୁରୁ ଟ୍ରେନରେ ଯାଉଥିବାବେଳେ ବିଶାଖାପାଟଣାଠାରେ ଏକ ଅଜଣା କଲ ଆସିବାରୁ ସେ ଟ୍ରେନ୍‌ରୁ ଓହ୍ଲାଇ ପଡିଥିଲେ ବୋଲି ତାଙ୍କ ମା' କହିଛନ୍ତି। ତାପରେ ଆଉ ରାଜେଶଙ୍କ ପତ୍ତା ନ ମିଳିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସେ ସନ୍ଦେହ କରିଥିଲେ। ଗୌରୀ ମିଶ୍ରଙ୍କୁ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ହତ୍ୟା କଲେ, ପ୍ରମାଣ ନଷ୍ଟ କରିବା ପାଇଁ ରାଜେଶଙ୍କୁ ହତ୍ୟା କରିବା, ଏପରି ଦୁଇଟି ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ପୋଲିସ ପାଇଁ ଏବେ ଚ୍ୟାଲେଞ୍ଜ ହୋଇପଡିଛି।

**ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ୩୫୦୦ କୁକୁଡ଼ା ଚିଆଁ ବଣ୍ଟନ**

ଚିତ୍ରକୋଣ୍ଡା,(କ୍ଷୀରୋଦ ବେହେରା)-ଓଡିଶା ଜୀବିକା ମିଶନ ସହାୟତାରେ ଶୁକ୍ରବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତରେ ୧୦ଟି ଗ୍ରାମର ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ୧୦୦ ଜଣ ସଭ୍ୟାଙ୍କୁ ଜଣ ପିଛା ୩୫ଟି ଲେଖାଏ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ମହିଳାମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାକୁ ଓଡିଶା ଜୀବିକା ମିଶନ ପକ୍ଷରୁ ଏହି ପ୍ରୟାସ କରାଯାଇଥିବା ବିପିଏମ ପର୍ଶୁରାମ ବେହେରା କହିଛନ୍ତି। ବିଏଲସି ସୋମନାଥ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତର ସମସ୍ତ ସିଆରପି, ଏମବିକେ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଝାଡାବାନ୍ତିରେ ଜଣେ ମୃତ, ୫ ଚିକିତ୍ସାଧୀନ ଗ୍ରାମରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ପଟ୍ଟାଙ୍ଗି,୩୦।୬(ଶରତ ଧଳ)- କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଲଗୋଲୁର ପଞ୍ଚାୟତର କୋଟାତେଡା ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି। ଏଥିରେ ଶୁକ୍ରବାର ଜଣଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ଗୋଲରି ବୁଦ୍ରାୟା। ତଲଗୋଲୁର ସରପଞ୍ଚ ବଲଦା ବଇ ନିଲାମାଙ୍କ ସ୍ୱାମୀ ବଲଦା ବଇପତିଙ୍କଠାରୁ ଖବର ପାଇ ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସରୋଜ ସାହୁଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ କୋଟାତେଡା ଗ୍ରାମରେ ପହଞ୍ଚିଛି। ଟିମ୍‌ରେ ୨ଜଣ ଏଏନଏମ୍ କୁମୁଦୁନୀ ପୂଜାରୀ, ଚାନ୍ଦିନୀ ଶବର, ଷ୍ଟାଫ୍ ନର୍ସ ତରୁଣ ସିଂ ମାଝି , ସୁପ୍ରଭାଇଜର ବଦ୍ରି ନାରାୟଣ ତ୍ରିପାଠୀ ଏବଂ ପିଏଚଇଓ ବିଜୟ ଖିଲ ଅଛନ୍ତି। ଟିମ୍ ଗ୍ରାମରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସମୟରେ ଅନ୍ୟ ୫ ଜଣ ଜାନି ରାମାୟା, ଗୋଲରି ପେଣ୍ଡାୟା, ଜାନି ସାନାମା, ଗୋଲରି ଏଲାମ୍ମା ଓ ଜାନି ମାଲାମା ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଥିଲେ। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୋଲରି ପେଣ୍ଡାୟା ଏବଂ ଜାନି ମାଲାମା ଗୁରୁତର ଥିବାରୁ ଉଭୟଙ୍କୁ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଛି। ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସମାଜିକ କର୍ମୀ ମୁସୁରି ଗୁଣ୍ଡାନା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝୁଛନ୍ତି। ଦୂଷିତ ଜଳ ପିଇବା ଏବଂ ଅଧିକ ଆମ୍ବ ଖାଇଥିବାରୁ ଏପରି ଝାଡାବାନ୍ତି ହୋଇଥିବା ଜଣାପଡିଛି।

### ଜନସମ୍ପର୍କ ପଦଯାତ୍ରାରେ ଜୁଏଲ

କାଲିମେଲା, ୩୦।୬(ଜୀବନକୃଷ୍ଣ ଦାସ) - ଭାଜପା ସୁନ୍ଦରଗଡ଼ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଦୁଇଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସି ଶୁକ୍ରବାର କାଲିମେଲା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଦଳ ପକ୍ଷରୁ ଚାଲିଥିବା ଜନସମ୍ପର୍କ ପଦଯାତ୍ରା ମୋ ବୁଥ ସବୁଠୁ ମଜବୁତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତାଙ୍କସହ ମାଲକାନଗିରି ବିଧାୟକ ଆଦିତ୍ୟ ମାଡ଼ି, ପୂର୍ବତନ ଏମ୍‌ପି ବଳଭଦ୍ର ମାଝୀ, ପୂର୍ବତନ ଏମ୍‌ପି ପର୍ଶୁରାମ୍ ମାଝୀ, ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ଯୁବମୋର୍ଚ୍ଚା ସଭାପତି ଭବାନୀ ଶଙ୍କର ମୁଖାର୍ଜୀ, ଜିଲା ସମ୍ପାଦକ ନବଘନ ଲକେଇ, ସାଧାରଣ ସମ୍ପାଦକ ମାନିକ ଲାଲ ଚକ୍ରବର୍ତ୍ତୀ, କୋଷାଧକ୍ଷ ସଞ୍ଜୟ ସରକାର, ସଂଯୋଜକ ନିହାର ରାୟ, କାଲିମେଲା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଦିଲୀପ ବାକଚି , ପୂର୍ବତନ ସରପଞ୍ଚ ବଜା ମାଡକାମିଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଜୁଏଲ ପ୍ରଥମେ ପୁଲିମେଟଲା ଏମ୍‌ପିଭି- ୭ ଧାନ ମଣ୍ଡିଠାରେ ଏକ ବୈଠକ କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ପରେ ସେ କାଲିମେଲା ରାଧାକ୍ରିଷ୍ଣ ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ସେ କାଲିମେଲା ବଜାରରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ସାଧାରଣ ଲୋକଙ୍କ ଘରକୁ ଘର ବୁଲି କେନ୍ଦ୍ର ସରକାରଙ୍କ ସୁଶାସନ ସମ୍ପର୍କରେ ଅବଗତ କରାଇଥିଲେ।

# ପୌର ପରିଷଦ ବୈଠକରେ ବିଭିନ୍ନ ପ୍ରକଳ୍ପ ପାରିତ

ସୁନାବେଡ଼ା ୩୦।୬ (କୃତ୍ତିବାସ ପ୍ରଧାନ)



ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି।

ସୁନାବେଡ଼ା ପୌର ପରିଷଦର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ଡ.ରାଜେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ ଓ ଏମ୍‌ପି ସପ୍ତଗିରି ଉଲାକା ଯୋଗଦେଇ ପରିଷଦର ସର୍ବାଙ୍ଗୀନ ଉନ୍ନତି ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ଏମ୍‌ପି ପ୍ରଥମକରି ଏହି ବୈଠକରେ ଯୋଗଦେଇଥିବାରୁ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ବୈଠକରେ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ସୁନାବେଡ଼ା ଡାକ୍ତରଖାନାରେ ମୃତଦେହ ରଖିବା ପାଇଁ ଏକ ଶୀତତାପ ନିୟନ୍ତ୍ରିତ ଶବାଗାର ନିର୍ମାଣ ଏବଂ ଏକ ଆମ୍ବୁଲାନ୍ସ ଲାଗି ଅର୍ଥ ଏମ୍‌ପି ପାଣ୍ଠିରୁ ଦେବାକୁ ଉଲାକା ପ୍ରତିଶ୍ରୁତି ଦେଇଥିଲେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ ବିଭିନ୍ନ ପ୍ରକଳ୍ପ ଏବଂ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ହାଲ୍ କର୍ତ୍ତୃପକ୍ଷ ସୁନାବେଡ଼ା ଅଞ୍ଚଳରେ କୌଣସି ବଡ଼ ଧରଣର ବିକାଶ କାର୍ଯ୍ୟରେ ସହଯୋଗ କରୁ ନ ଥିବାରୁ ବୈଠକରେ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଏମ୍‌ପି ହାଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏହାକୁ ଆଗାମୀ ସଂସଦ ଅଧିବେଶନରେ ଉଠାଇବେ ବୋଲି କହିଥିଲେ। ପରିଷଦର କର୍ମଚାରୀ ତ୍ରିନାଥ ଚୌଧୁରୀ ଅବସର ଗ୍ରହଣ କରୁଥିବାରୁ ଏହି ଅବସରରେ ତାଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ ନଗରପାଳ ରତୁ କଣ୍ଡା ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅର୍ଥ ମଞ୍ଜୁର ପରେ ମାଲକାନଗିରିର ୨ମନ୍ଦିର ନିର୍ମାଣ ନେଇ ଭୂମିପୂଜା



ମନ୍ଦିର ପାଇଁ ଭୂମିପୂଜା କରାଯାଉଛି।

ମାଲକାନଗିରି, ୩୦।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ବହୁ ପୁରାତନ ଭୈରବୀ ମନ୍ଦିର ଏବଂ ଆୟାପ୍ପା ମନ୍ଦିରର ନୂତନ ନିର୍ମାଣ ନେଇ ଶୁକ୍ରବାର ଭୂମିପୂଜା ହୋଇଛି। ଜୟପୁର-ମାଲକାନଗିରି ଜାତୀୟ ରାଜପଥରେ ଥିବା ଭୈରବୀ ମନ୍ଦିରର ପ୍ରସିଦ୍ଧି ରହିଛି। ଉଭୟପଟୁ ଯାତାୟାତ କରୁଥିବା ଗାଡ଼ିମୋଟର ମନ୍ଦିର ସମ୍ମୁଖରେ ଗାଡ଼ି ରଖି ପୂଜାର୍ଚ୍ଚନା କରି ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି। ଏଥିସହ କୌଣସି ନୂଆ ଗାଡ଼ି କିଣିଲେ ଗାଡ଼ି ମାଲିକ ପ୍ରଥମେ ଭୈରବୀ ମନ୍ଦିରକୁ ଆଣି ପୂଜା କରିଥାନ୍ତି। ଏହି ମନ୍ଦିରଟି ଜାତୀୟ ରାଜପଥକୁ ଲାଗି ରହିଥିବା ବେଳେ ମନ୍ଦିର ସମ୍ମୁଖରେ ଗୋଇ ପର୍ବତ ମଧ୍ୟ ଜାତୀୟ ରାଜପଥକୁ ଲାଗି ରହିଛି। ଫଳରେ ରାସ୍ତାଟି ସଂକୀର୍ଣ୍ଣ ହୋଇପଡ଼ି ଯାତାୟାତରେ ଅସୁବିଧା ହେଉଛି। ଗତ ୨ମାସ ତଳେ ୫-ଟି ସଚିବଙ୍କ ଗସ୍ତ ସମୟରେ ମନ୍ଦିର ପରିଚାଳନା କମିଟି ଏହି ମନ୍ଦିର ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ସଚିବ ଏହି ମନ୍ଦିରକୁ ସ୍ଥାନାନ୍ତର କରାଯାଇ ସେହି ସ୍ଥାନଠାରୁ କିଛି ଦୂରରେ ନୂତନ ମନ୍ଦିର ନିର୍ମାଣ କରାଯିବ। ସେହି ମନ୍ଦିର ପରିସରରେ ଆୟାପ୍ପା ମନ୍ଦିର ମଧ୍ୟ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭୈରବୀ ମନ୍ଦିର ପାଇଁ ୪୦ ଲକ୍ଷ ଟଙ୍କା ଓ ଆୟାପ୍ପା ମନ୍ଦିର ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ଆସିବା ପରେ ଶୁକ୍ରବାର ଉଭୟ ମନ୍ଦିରର ନିର୍ମାଣ ନିମନ୍ତେ ଭୂମିପୂଜା ହୋଇଛି। ଏହି ଭୂମିପୂଜା ଉତ୍ସବରେ ପୂର୍ବତନ ବିଧାୟକ ମାନସ ମାଡକାମି, ଜଙ୍ଗମ ଶ୍ରୀନିବାସ ରାଓ, ପି. କେଶୁ ରାଓ, ନୃସିଂହ ପାଢ଼ୀ, ଭରତ ପଟ୍ଟନାୟକ, ଏସ୍. ସାଇବାବା, ତ୍ରିନାଥ ରାଜୁଙ୍କ ସହ ଭୈରବୀ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ନୀଳାଦ୍ରି ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି





କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପ୍ରଭୁ ବଳଭଦ୍ର ଓ ଦେବୀ ଶୁଭଦ୍ରାଙ୍କୁ ପହଣ୍ଡି କରି ମନ୍ଦିର ଭିତରକୁ ନିଆଯାଉଛି ।

କୋରାପୁଟ,୩୦।୬(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଶୁକ୍ରବାର ରାତିରେ ଭକ୍ତଙ୍କ ଗହଣରେ ଚତୁର୍ଦ୍ଧାମୂର୍ତ୍ତି ନୀଳାଦ୍ରି ବିଜେ କରିଛନ୍ତି। ଗତ ୨୦ରୁ ମହାପ୍ରଭୁ ମନ୍ଦିର ଛାଡି ୩ ରଥରେ ବସି ମାଉସୀମା ମା' ଘରକୁ ଯାତ୍ରା କରିଥିଲେ। ସେଠାରେ ବିଭିନ୍ନ ଦିବସରେ ବିଭିନ୍ନ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ୨୮ରେ ବାହୁଡା ଯାତ୍ରାରେ ଆସି ଗୁରୁବାର ସଂନ୍ଧ୍ୟାରେ ରଥ ଉପରେ ତିନିଠାକୁର ସୁନାବେଶ ହୋଇଥିଲେ। ଶୁକ୍ରବାର ନୀଳାଦ୍ରି ବିଜେ ଦେଖିବା ପାଇଁ ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ରାତି ୭ଟା ୫୫ରେ ପ୍ରଥମେ ସୁଦର୍ଶନଙ୍କୁ ପହଣ୍ଡି କରି ମନ୍ଦିରକୁ ନିଆଯାଇଥିଲା। ପରେ ୮ଟା ୧୦ରେ ବଡଭାଇ ବଳଭଦ୍ରଙ୍କ ପହଣ୍ଡି ହୋଇ ଯାଇଥିଲେ। ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ମନ୍ଦିରକୁ ବିଜେ କରାଯାଇଥିଲା । ମାତ୍ର ମନ୍ଦିର ସିଂହ ଦ୍ୱାର ନିକଟରେ ମହାଲକ୍ଷ୍ମୀ ବାଟ ଓଗାଳିବାରୁ ମହାପ୍ରଭୁ ସେଠାରେ ଅଟକି ରହିଥିଲେ। ପରେ ଲକ୍ଷ୍ମୀଙ୍କ ସହିତ ବଚନିକା ପରେ ମହାପ୍ରଭୁ ପୋଡପିଠା ଓ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରି ରତ୍ନ ସିଂହାସନକୁ ବିଜେ କରିଥିଲେ।

### ମାଓବାଦୀ ସମର୍ଥକଙ୍କଠାରୁ ୨ହଜାର ଟଙ୍କିଆ ନୋଟ୍ ଜବତ

ମାଲକାନଗିରି, ୩୦।୬ (ଦୁର୍ଯ୍ୟୋଧନ ପାତ୍ର)

୨ହଜାର ଟଙ୍କିଆ ନୋଟ ବଦଳାଇବାକୁ ଆସି ଜଣେ ମାଓବାଦୀ ସମର୍ଥକ ଗିରଫ ହୋଇଛନ୍ତି। ତାଙ୍କ ନାମ ଲାଗି ମହେଶ ବାଡା। ଛତିଶଗଡ଼ର ବିଜାପୁର ଜିଲାରେ ଏକ ବ୍ୟାଙ୍କରେ କିଛି ଟଙ୍କା ଜମା କରି ଅନ୍ୟ ବ୍ୟାଙ୍କରେ ପୁଣି ଟଙ୍କା ଜମା କରିବାକୁ ଆସୁଥିବା ବେଳେ ସେ ପୋଲିସ ହାତରେ ଧରାପଡିଛନ୍ତି। ମହେଶ ମାଓବାଦୀଙ୍କଠାରୁ ମୋଟ ୯ ଲକ୍ଷ ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ଆଣି ସେଥିରୁ ଗୋଟିଏ ବ୍ୟାଙ୍କରେ ୧ ଲକ୍ଷ ୮୦ ହଜାର ଟଙ୍କା ଡିପୋଜିଟ୍ କରିଥିଲେ। ଆଉ ୧ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ କିଣିଥିଲେ। ଏ ସମ୍ପର୍କରେ ବିଜାପୁର ପୋଲିସ ଖବର ପାଇ ବିଜାପୁର ମୁଖ୍ୟ ରାସ୍ତାରେ ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ସମୟରେ ସେ ଧରାପଡିଥିଲେ। ତାଙ୍କ ନିକଟରୁ ୬ ଲକ୍ଷ ୨୦ ହଜାର ଟଙ୍କାର ୨ହଜାର ଟଙ୍କିଆ ନୋଟ୍ ଜବତ କରାଯାଇଛି। ସେ ଏହି ଟଙ୍କା ଅନ୍ୟ ବ୍ୟାଙ୍କଗୁଡ଼ିକୁ ଡିପୋଜିଟ୍ କରିବାକୁ ଯାଉଥିବା ପଚରାଉଚରା ବେଳେ ସ୍ୱୀକାର କରିଥିଲେ। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ୨୫ ଲକ୍ଷ ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ମାଓବାଦୀମାନଙ୍କଠାରୁ ଛତିଶଗଡ଼ ପୋଲିସ ଜବତ କରିଥିଲା।

### ୨ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନନ୍ଦପୁର, ୩୦।୬(ଶଙ୍କର ପୂଜାରୀ)

ନନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ଶତପଥି ଓ ଏସ.ଭି.ଗାଙ୍ଗାମାଙ୍କୁ ଶୁକ୍ରବାର ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ ଉପସ୍ଥିତ ରହି ଦୁଇ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଉଭୟଙ୍କ ନିଷ୍ଠା ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟ ଗଠନରେ ସେମାନଙ୍କ ମୂଲ୍ୟବାନ ଭୂମିକା ସବୁଦିନ ପାଇଁ ମନେ ରହିବ ବୋଲି ବ୍ଲକ ଶିକ୍ଷାଧିକାରୀ ପଟ୍ଟନାୟକ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଏସ୍‌ୟୁସିଆଇ ପକ୍ଷରୁ ମଣିପୁର ସାମ୍ପ୍ରଦାୟିକ ଦଙ୍ଗାର ପ୍ରତିବାଦ

ବୈପାରିଗୁଡ଼ା,୩୦।୬(କଳ୍ପତରୁ ମହାନ୍ତି)

ସମ୍ପ୍ରତି ମଣିପୁର ରାଜ୍ୟରେ ଦେଖାଦେଇଥିବା ସାମ୍ପ୍ରଦାୟିକ ଦଙ୍ଗାକୁ ଏସ୍‌ୟୁସିଆଇ ବିରୋଧକରି ଶୁକ୍ରବାର ବୈପାରିଗୁଡ଼ାଠାରେ ଏକ ପ୍ରତିବାଦ ସଭା କରିଛି। ଏଥିରେ ବ୍ଲକ ସମ୍ପାଦକ ସୂର୍ଯ୍ୟନାରାୟଣ ବିଶୋୟୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ କାହ୍ନୁ ବିଶ୍ୱାଳ, ରାମ ବାରିକ, ଦଶରଥ ଖିଲ, ଜଗନ୍ନାଥ ହରିଜନ, ବାସନ୍ତୀ ଖରା ଓ ଲକ୍ଷ୍ମୀ ବାରିକ ଉପସ୍ଥିତ ଥିଲେ। ମଣିପୁର ପରିସ୍ଥିତି ପାଇଁ ଉଭୟ ମଣିପୁର ଓ କେନ୍ଦ୍ର ସରକାରଙ୍କୁ ଦାୟୀକରି ବକ୍ତାମାନେ ପ୍ରଭାବିତ ଲୋକଙ୍କୁ ଥଇଥାନ କରିବା ଏବଂ ଦଙ୍ଗାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

# ପୋଲ ନିର୍ମାଣ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ




ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଜୟପୁର, ୩୦।୬ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ପଞ୍ଚାୟତର ଧଡ୍ରିଗୁଡ଼ା ଗ୍ରାମକୁ ସଂଯୋଗ କରିବା ଲାଗି ପୋଲ ନିର୍ମାଣ କରିବାକୁ ଶୁକ୍ରବାର ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ କର୍ମୀ ବି.ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ପଞ୍ଚାୟତର ଧଡ୍ରିଗୁଡ଼ା ଗ୍ରାମ ଦେଇ ଆର୍‌ଡି ମୁଖ୍ୟ ରାସ୍ତା ନିର୍ମାଣ ଲାଗି ଟେଣ୍ଡର ହୋଇଛି । ମାତ୍ର ଉକ୍ତ ଗ୍ରାମକୁ ସଂଯୋଗ ନିମନ୍ତେ ଏକ ପୋଲର ଆବଶ୍ୟକତା ରହିଛି । ପୋଲ ନିର୍ମାଣ ହେଲେ ବର୍ତ୍ତମାନ ହେବାକୁ ଥିବା ନୂତନ ରାସ୍ତା ସହ ସଂଯୋଗ ହୋଇପାରିବ। ଏହାଦ୍ୱାରା ଧଡ୍ରିଗୁଡ଼ା ଗ୍ରାମବାସୀଙ୍କ ସହ ୭ଟି ପଞ୍ଚାୟତର ଲୋକେ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ରର ନକଲ କୋରାପୁଟ ଜିଲାପାଳ ଏବଂ ୫-ଟି ସଚିବଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଏବେ ଲୋକମାନେ କେନାଲ ଉପରେ ରହିଥିବା ୪୦ବର୍ଷର ପୁରାତନ ପୋଲ ଉପରେ ଯତାୟାତ କରି ଚଳୁଛନ୍ତି । ଉକ୍ତ ପୋଲଟି କ୍ରମଶଃ ଦୁର୍ବଳ ହୋଇପଡିଲାଣି।

# ୧୦ରେ ଯୁଗ୍ମ ଶ୍ରମ କମିଶନରଙ୍କ ଉପସ୍ଥିତିରେ ମିଳିତ ବୈଠକ

ଜୟପୁର,୩୦।୬ (ପବନ ପାଣିଗ୍ରାହୀ )

**ସେବା କାଗଜକଳ ଶ୍ରମିକ ସମସ୍ୟା**

ସେବା କାଗଜକଳର ଅବସରପ୍ରାପ୍ତ ଶ୍ରମିକ ଓ କାର୍ଯ୍ୟରତ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ଜିଲା ଯୁଗ୍ମ ଶ୍ରମ କମିଶନର ଆସନ୍ତା ଜୁଲାଇ ୧୦ରେ ମ୍ୟାନେଜମେଣ୍ଟ ଓ କାରଖାନାର ୪ଟିଯାକ ୟୁନିୟନର ମିଳିତ ବୈଠକ ଡାକିଛନ୍ତି। କାଗଜକଳର ଅବସରପ୍ରାପ୍ତ ଶ୍ରମିକମାନେ ଇପିଏଫ୍, ପେନ୍‌ସନ, ଗ୍ରାଚ୍ୟୁଇଟି ବକେୟା ପାଉଣା ପାଇଁ ୨୦୨୩ ଜାନୁୟାରୀ ୩ରୁ ୟୁନିଟ୍ ହେଡ୍‌ଙ୍କ ବାସଭବନ ସମ୍ମୁଖରେ ପ୍ରତୀକ ଧାରଣା ଦେଇଆସୁଛନ୍ତି। ଜୁନ୍ ୨୧ରୁ ଜିଲା ଶ୍ରମ କମିଶନରଙ୍କ ଜରିଆରେ ଶ୍ରମମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ସମସ୍ୟା ସମାଧାନ ପାଇଁ ଶ୍ରମ ବିଭାଗ ତତ୍ପରତା ପ୍ରକାଶ କରିବା ଯୋଗୁ ଗୁରୁବାର ମ୍ୟାନେଜମେଣ୍ଟ ପ୍ରତିନିଧିଙ୍କୁ ଡାକି ଯୁଗ୍ମ ଶ୍ରମ କମିଶନର ଆଲୋଚନାକରି ଶୀଘ୍ର ସମାଧାନ ନିଷ୍ପତ୍ତି ନେଇ ୧୦ ତାରିଖ ବୈଠକକୁ ଆସିବାକୁ କହିଛନ୍ତି। ଏହି ଅବସରରେ ଶ୍ରମିକ ନେତା ପ୍ରମୋଦ ମହାନ୍ତ, ବସନ୍ତ ବେହେରା ଓ ବନମାଳୀ ପାତ୍ର ଯୁଗ୍ମ ଶ୍ରମ କମିଶନରଙ୍କୁ ସାକ୍ଷାତକରି ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ କହିଥିଲେ, ୨୦୨୦ରୁ ନୂଆ କମ୍ପାନୀ ମ୍ୟାନେଜମେଣ୍ଟ କାରଖାନାକୁ ହାତକୁ ନେଇଥିଲେ ମଧ୍ୟ କଞ୍ଚାମାଲ, କେମିକାଲ, କୋଇଲା ଅଭାବରୁ ଅନେକ ସମୟ କାରଖାନା ବନ୍ଦ ରହୁଛି। ସ୍ଥାୟୀ ଶ୍ରମିକ, ଠିକା ଶ୍ରମିକ ଓ ସିକ୍ୟୁରିଟି ଗାର୍ଡମାନେ ମାସ ମାସ ଧରି ଦରମା ପାଉନାହାନ୍ତି ବୋଲି ଯୁଗ୍ମ କମିଶନରଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, ୨୦୨୦ରୁ ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ଇପିଏଫ୍ ଜମା ଟଙ୍କା, ପେନ୍‌ସନ,ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ପାଇନାହାନ୍ତି।

# ବାବା ଝାଡ଼େଶ୍ୱରଙ୍କ ନୂତନ ମନ୍ଦିରର ଶିଳାନ୍ୟାସ

ପାପଡାହାଣ୍ଡି,୩୦।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସଦରର ବାବା ଝାଡ଼େଶ୍ୱରଙ୍କ ମନ୍ଦିରର ନୂତନ ରୂପ ଦେବା ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି । ୫-ଟି ସଚିବ ଭି.କେ. ପାଣ୍ଡିଆନ ନବରଙ୍ଗପୁର ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ପାପଡାହାଣ୍ଡି ବାବା ଝାଡ଼େଶ୍ୱରଙ୍କ ନୂତନ ମନ୍ଦିର ସକାଶେ କମିଟି ପକ୍ଷରୁ ନିବେଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ବାବା ଝାଡ଼େଶ୍ୱର ମନ୍ଦିରର ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ମନ୍ଦିର କମିଟି ସଭାପତି ବି. ଜଗନ ମୋହନ ରାଓଙ୍କ ତତ୍ତ୍ୱାବଧନାରେ ଯୋଜନା ବୋର୍ଡ ଅଧକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ତହସିଲଦାର ଯୋଗେଶ୍ୱର ଭୋଇ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଥାନାଧିକାରୀ ଦୀପକ ଜେନା, ସରପଞ୍ଚ ଚନ୍ଦ୍ରଶେଖର ମାଝି ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। କମିଟି ସଦସ୍ୟ ତ୍ରିନାଥ ପ୍ରଧାନ, ରାଜକିଶୋର ରାଓ, କୈଳାସ ଅଗ୍ରୱାଲ, ହରିମୋହନ ଶର୍ମା, ବିନୋଦ ଅଗ୍ରୱାଲ, ତ୍ରିନାଥ ଅମନାତ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପାପଡାହାଣ୍ଡି ବାବା ଝାଡ଼େଶ୍ୱର ମନ୍ଦିର କମିଟି ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅତିଥି ଓ ମନ୍ଦିର କମିଟି ସଦସ୍ୟମାନେ।

# କେନ୍ଦ୍ର ପ୍ରଦତ୍ତ ଅର୍ଥର ହିସାବ ଦେଲେ ଜୁଏଲ ଓରାମ

ମାଲକାନଗିରି,୩୦।୬ (ଦୁର୍ଯ୍ୟୋଧନ ପାତ୍ର)

- ଓଡ଼ିଶାର ଐତିହ୍ୟ, ବିକାଶର ତଥ୍ୟ ଦେଲେ
- ଓଡ଼ିଶା, ଓଡ଼ିଆଙ୍କୁ କେନ୍ଦ୍ର ଗୁରୁତ୍ୱ ଦେଉଥିବା କହିଲେ
- ରାଜ୍ୟ ସରକାରଙ୍କୁ ସମାଲୋଚନା କଲେ




ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଉଛନ୍ତି।

ମାଲକାନଗିରି ଗସ୍ତରେ ଆସିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧକ୍ଷ ଜୁଏଲ ଓରାମ ଶୁକ୍ରବାର ଜିଲା ସଦର ମହକୁମା ସର୍କିଟ ହାଉସଠାରେ ଏକ ଖବରଦତା ସମ୍ମିଳନୀରେ କେନ୍ଦ୍ର ସରକାର ଓଡ଼ିଶାକୁ ବିଭିନ୍ନ ଯୋଜନାରେ ଦେଇଥିବା ଅର୍ଥର ହିସାବ ଦେଇଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶାକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହୋଇଛନ୍ତି। ରାଜ୍ୟରୁ ଜଣେ ରାଜ୍ୟପାଳ, ୩ ଜଣ କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଓଡ଼ିଆମାନେ ଅବସ୍ଥାପିତ ହୋଇଛନ୍ତି। ଓଡ଼ିଶାରେ ଐତିହ୍ୟ ମାନ୍ୟତାପ୍ରାପ୍ତ ପାଇକ ସଂଗ୍ରାମୀ ସ୍ମାରକୀ ନିର୍ମାଣ, ଜଗନ୍ନାଥ ଧାମ, କୋଣାର୍କ ସୂର୍ଯ୍ୟମନ୍ଦିର, କୀର୍ତ୍ତିରାଜିର ସଂରକ୍ଷଣ ସହ ଅନେକ ମନ୍ଦିରର ଉନ୍ନତୀକରଣ ଲାଗି କେନ୍ଦ୍ର ସରକାର ଶତାଧିକ କୋଟି ଟଙ୍କା ବିନିଯୋଗ କରିଛନ୍ତି ବୋଲି ସେ କହିଥିଲେ। ଏଥିସହ ପିଏମ୍ କିଷାନ ସମ୍ମାନ ଯୋଜନାରେ ଓଡ଼ିଶାର ୩୩ ଲକ୍ଷ ଚାଷୀଙ୍କୁ ୭୮୦୧ କୋଟି ଟଙ୍କା ପ୍ରଦାନ, ୯ ବର୍ଷ ମଧ୍ୟରେ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୩୧୦ରୁ ୨୧୮୩ ଟଙ୍କାକୁ ବୃଦ୍ଧି, ଚିନାବାଦାମ କୁଇଣ୍ଟାଲ ପିଛା ୬୭୭୩, ମୁଗଡାଲି କୁଇଣ୍ଟାଲ ପିଛା ୮୫୫୮ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଓଡ଼ିଶାର ୨୧ ଲକ୍ଷ ଚାଷୀଙ୍କୁ ୪୪୨୫ ଟଙ୍କା ସହାୟତା ମିଳିଛି। ୪୩ ଲକ୍ଷ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, କୃଷିଋଣ ରିହାତି ପ୍ରଦାନ କରାଯାଇଛି। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୭୪,୭୨୩ କି.ମି.ସଡ଼କ ନିର୍ମାଣ ହୋଇଛି। ୧୪୫୨ କି.ମି. ଜାତୀୟ ରାଜପଥ ନିର୍ମାଣ ହୋଇଛି। ଦିଘା, ଗୋପାଳପୁର, କୋଷ୍ଟାଲ ହାଇୱେ ୪୫୧ କି.ମି. ରାସ୍ତା ନିମନ୍ତେ ୯ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ଯୋଗାଇ ଦେଇଥିଲେ ମଧ୍ୟ ସରକାର ଜାଣିଶୁଣି ଏହି କାର୍ଯ୍ୟ ବିଳମ୍ବ କରୁଛନ୍ତି ବୋଲି ଜୁଏଲ ଅଭିଯୋଗ କରିଥିଲେ। କଟକ, ସମ୍ବଲପୁର ୫୫ ନମ୍ବର ରାଜ୍ୟ ରାଜପଥ ପାଇଁ ୪୫୦୦ କୋଟି ଟଙ୍କା, ଭାରତମାଳା ପରିଯୋଜନାରେ କୋରାପୁଟ, ନବରଙ୍ଗପୁର ଜିଲାରେ ୨୪୫ କି.ମି. ୪ଧାଡିଆ ରାସ୍ତା ନିର୍ମାଣ, ଭୁବନେଶ୍ୱର, କଟକ ରିଂରୋଡ୍ ପରି ଯୋଜନାକୁ ଅର୍ଥ ବରାଦ, ଉଡ଼ାଜାହାଜ ଯୋଜନାରେ ୫ଟି ନୂଆ ବିମାନ ବନ୍ଦର, ୨୦୨୩-୨୪ ପାଇଁ ୧୦,୦୧୨ କୋଟି ଟଙ୍କାର ରେଳ ଅନୁଦାନ ପ୍ରଦାନ ସହ ଗତ ୯ ବର୍ଷ ମଧ୍ୟରେ ଓଡ଼ିଶାକୁ ୫୧ ହଜାର ୨୩୭ କୋଟି ଟଙ୍କାର ରେଳ ଅନୁଦାନ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଆଇଟିଆଇ ଭୁବନେଶ୍ୱର, ନାଇଜରର ସ୍ଥାୟୀ କ୍ୟାମ୍ପସ, ବ୍ରହ୍ମପୁରରେ ଆଇଜାର, ସମ୍ବଲପୁରରେ ଆଇଆଇଏମ୍, ୧୧୪ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ, ଏମ୍‌ସ, ନିର୍‌ତାର ଓ କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉନ୍ନତୀକରଣ ପାଇଁ ମଧ୍ୟ ଅନୁଦାନ ପ୍ରଦାନ କରାଯାଇଛି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ରାଜ୍ୟ ଗତ ୫ବର୍ଷ ମଧ୍ୟରେ ୨ ଲକ୍ଷ ୨୨ ହଜାର କୋଟି ଟଙ୍କା ପାଇଛି ବୋଲି ସେ ସୂଚନା ଦେଇଥିଲେ। ସେହିପରି ପଞ୍ଚାୟତ, ଜିଲା ପରିଷଦ, ନଗରପାଳିକା ଓ ମହାନଗର ନିଗମ ପାଇଁ ଓଡ଼ିଶାକୁ ୮, ୮୦୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଓଡ଼ିଶାକୁ ୮, ୮୭୫ ଟଙ୍କା କେନ୍ଦ୍ରୀୟ ସହାୟତା ମିଳିଛି। କେନ୍ଦ୍ର ସରକାରଙ୍କ ଖଣି ନିୟମରେ ସଂଶୋଧନ ହେତୁ ଓଡ଼ିଶାକୁ ୪୯ ହଜାର କୋଟି ଟଙ୍କା ଖଣି ରାଜସ୍ୱ ପ୍ରଦନ କରାଯାଇଛି। ଖଣି ଅଞ୍ଚଳର ବିକାଶ ଲାଗି ୧୮, ୭୩୦ କୋଟି ଟଙ୍କା ଓ କାମ୍ପା ଯୋଜନାକୁ ୬,୨୮୦ କୋଟି ଟଙ୍କା ଦିଆଯାଇଛି। ଗରିବ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାର ୧୮ଲକ୍ଷରୁ ଅଧିକ ଲୋକଙ୍କୁ ମାଗଣାରେ ଘର ମିଳିସାରିଛି। ଆଉ ୯ ଲକ୍ଷ ୫୯ ହଜାର ଅଧିକ ଘର ପାଇଁ ଅନୁମୋଦନ ମିଳିଛି। ଓଡ଼ିଶାରେ ୩ କୋଟି ୨୫ ଲକ୍ଷ ଲୋକଙ୍କୁ ମାଗଣା ଚାଉଳ, ସ୍ୱଚ୍ଛ ଭାରତ ନିର୍ମାଣ ଯୋଜନାରେ ୭୭ ହଜାର ପରିବାରଙ୍କୁ ମାଗଣା ଶୌଚାଳୟ, ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ୫୪ ଲକ୍ଷ ପରିବାରକୁ ମାଗଣା ରନ୍ଧନ ଗ୍ୟାସ୍, ୨୪ ଲକ୍ଷ ପରିବାରଙ୍କୁ ମାଗଣା ବିଦ୍ୟୁତ୍ ସଂଯୋଗ, ଜଳ ଜୀବନ ମିଶନରେ ଓଡ଼ିଶାରେ ୫୩ ଲକ୍ଷ ପରିବାରଙ୍କୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଣ ହୋଇଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଓଡ଼ିଶାକୁ ୨୬, ୧୬୬ କୋଟି ଟଙ୍କା ଅନୁଦାନ କେନ୍ଦ୍ର ସରକାର ଦେଇଥିବା ଜୁଏଲ କହିଥିଲେ। ତେବେ ଏହିସବୁ ଅର୍ଥ ରାଜ୍ୟ ସରକାର ବାଟମାରଣାକରି ନିଜସ୍ୱ ପ୍ରକଳ୍ପକରି ଲୋକଙ୍କୁ ଭୁଆଁ ବୁଲାଉଥିବା ସେ ଅଭିଯୋଗ କରିଥିଲେ। ସେ ଏହି ଅବସରରେ ୫-ଟି ସଚିବଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ ଓ କାର୍ଯ୍ୟକ୍ରମକୁ ନେଇ ଏହା ଉଦ୍‌ବେଗର ବିଷୟ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁରର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ରାଜ୍ୟ ପ୍ରଭାରୀ ମଲ୍ଲିଜର ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

